ତହସିଲ କାର୍ଯ୍ୟାଳୟ, ବରଗଡ, ଜିଲ୍ଲା- ବରଗଡ଼

ବିଜ୍ଞାପନ ସଂଖ୍ୟା. 1808 ତା. 14.7.2020

**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବରଗଡ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ବିଜ୍ଞାପନ ସଂଖ୍ୟା 1610 ତା 12.06.2020 ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ତନ୍ମଧ୍ୟରୁ ପ୍ରଥମ ତାରିଖ 14.07.2020 ଦିନ ଏଥି ସହ ସଂଲଗ୍ନ ଉତ୍ସ ଗୁଡିକ ଲଗାଣ ହୋଇ ପାରିଲାନାହିଁ । ଏଣୁ କରି ଦ୍ୱିତୀୟ ତାରିଖ 20.07.2020 ଦିନ ଉକ୍ତ ଉତ୍ସ ଗୁଡିକ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ରେ ପ୍ରଦତ୍ତ Form- M ତିନି କପି ଆବେଦନ ପତ୍ର ପୁରଣକରି ଆବଶ୍ୟକୀୟ କାଗଜାତରନକଲ ସଂଲଗ୍ନ କରି ବନ୍ଦ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ବରଗଡଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/ Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା. 20.07.2020ଘ. 12.00 ସୁଦ୍ଧା ତହସିଲଦାର ବରଗଡଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ । ଉକ୍ତ ଦିନ ଅର୍ଥାତ୍ ତା. 20.07.2020ରିଖ ଦିବା ଘ. 3.30 ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ (Addl. Charge) ଉଲ୍ଲେଖ କରିଥିବା ଭିତ୍ତିରେ ତହସିଲ କାର୍ଯ୍ୟାଳୟରେ ଗଠିତ କମିଟି ଦ୍ୱାରା ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ / କିମ୍ବା ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡିକ ପାଇଁ ତୃତୀୟ ଥର ତା.05.08.2020ରିଖ ମଧ୍ୟାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.30 ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ ।

14/07/2020

ତହସିଲଦାର, ବରଗଡ ।

ଜ୍ଞାପକ ସଂଖ୍ୟା 1809 / ତା. 14.7.2020

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବରଗଡ ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ବରଗଡ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା

14/07/2020

ତହସିଲଦାର, ବରଗଡ ।

ଜ୍ଞାପକ ସଂଖ୍ୟା 1810 / ତା. 14.7.2020

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ବରଗଡ / ଉପ ଜିଲ୍ଲାପାଳ, ବରଗଡ ଓ ପଦ୍ମପୁରଙ୍କ ସଦୟ ଅବଗତି ସକାଶେ ପ୍ରେରଣ କରାଗଲା ।

14/07/2020

ତହସିଲଦାର, ବରଗଡ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା କାଗଜାତ

1. ଦରଖାସ୍ତ ପାଉଣା (Application Feefor Quarry Lease) ବାବଦ (ଅଣ-ଫେରସ୍ତ) ଟ 1000.00 (ଏକ ହଜାର ଟଙ୍କା ମାତ୍ର) ଟ୍ରେଜେରୀ ଚାଲାଣ ରୂପେ ଦାଖଲ କରିବେ ।
   (Head of Account:-**0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties)**
2. କୌଣସି ମାଇନିଂ / ଲଘୁ ଖଣିଜ ଦ୍ରବ୍ୟ ଦେୟ ବାବଦକୁ ବକେୟା ନ ଥିବା ନେଇ ଏକ ସତ୍ୟପାଠ (Affidavit)ଦାଖଲ କରିବେ ।
3. IT Returns ଏବଂ Solvency Certificate କିମ୍ବା 18 ମାସ ପର୍ଯ୍ୟନ୍ତ କାୟମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରମାଣପତ୍ରଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସ ର ବାର୍ଷିକ ମୁଲ୍ୟ {Minimum guaranteed quantity x (Royalty + Offered Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।
4. Earnest Money (E.M.D.) ପାଇଁ Demand Draft (in favour of Tahasildar,Bargarh) ଦାଖଲ କରିବେ {ଯାହାର ମୂଲ୍ୟସଂପୃକ୍ତ ସଇରାତ ଉତ୍ସ ସହିତ ନିର୍ଦ୍ଧାରିତ ସାରଣୀରେ ପ୍ରଦତ୍ତ ହୋଇଅଛି} ।
5. ସର୍ତ୍ତାବଳୀର ଏକକିତା ନକଲ ତାହାର ଅନୁପାଳନ ସର୍ତ୍ତ ସ୍ୱୀକାରୋକ୍ତି ସ୍ୱରୁପ ସ୍ୱାକ୍ଷରକରି ଆବେଦନଫର୍ମ (M-form)ସହିତ ଦାଖଲ କରିବେ ।

12/06/2020

ତହସିଲଦାର,ବରଗଡ ।

## ବିଶେଷ ସର୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ,OMMC Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charge)ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ଆବେଦନକାରୀ ଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକାଧିକ ଦରଖାସ୍ତକାରୀ ସମାନସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ଅତିରିକ୍ତ ଦେୟ (Additional Charge) ରମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉସର ବାର୍ଷିକ ଦେୟ {Minimum guaranteed quantity x (Royalty + Additional Charge)} + Contribution payable to DMF)ର ଏକ ଚତୁର୍ଥାଂଶ ରାଶି}(EMD କୁ ବାଦ ଦେଇ)ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତଅଧିକାରୀ (ତହସିଲଦାର, ବରଗଡ) ଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।

6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent,Royalty / Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର (Lease Agreement) ନିଜ ଖର୍ଚ୍ଚରେ ସଂପାଦନ କରିବେ (ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ ହେବ)।

7. ଯଦି ଯୋଗ୍ୟ ବିବେଚିତ ଲିଜ ଧାରୀଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

8. ଯଦିସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ଯୋଗ୍ୟ ବିବେଚିତ ଲିଜ ଧାରୀ ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

ଅ: ପୃ: ଦେ:

10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀଉତ୍ସଟିକୁ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।

11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

13. କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟଧାରା ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ (ତହସିଲଦାର, ବରଗଡ) ଙ୍କ କ୍ଷମତା ପରିସର ଭୁକ୍ତ ଅଟେ।

14. ଯେକୌଣସି ମୂହୂର୍ତ୍ତରେ ଯଦି ସଂପୃକ୍ତ ନିୟମରେ କିଛି ପରିବର୍ତ୍ତନ ଘଟେ ତେବେଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ୍ୟ ହେବେ ।

12/06/2020

ତହସିଲଦାର ବରଗଡ

| କ୍ର.ନଂ- | ସୈରାତ ଉତ୍ସର ନାମ | ବାଲି/ ପଥର / ମୁରୁମ | R.I. Circle | ମୌଜାର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ଲିଜ ଯୋଗ୍ୟ ରକବା (ଏକର) | ସର୍ବନିମ୍ନ ରୟାଲିଟି ମୂଲ୍ୟ (Per Cum) ଟଙ୍କାରେ | ମଞ୍ଜୁରୀପ୍ରାପ୍ତ ସର୍ବନିମ୍ନ ଅତିରିକ୍ତ ମୂଲ୍ୟ (ଘ.ମି. ପ୍ରତି) | MGQ ଅନୁଯାୟୀ ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (E.M.D) ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| 1 | ରୁଙ୍ଗୁନିଆ ଜିରା ନଦୀ ବାଲିଶଯ୍ୟା | ବାଲି | ତୋରା | ରୁଙ୍ଗୁନିଆ | 601 | 898 (ରୁ) | ନଦୀ | 12.20 | 35.00 | 100 | 3000 | 21000 |
| 2 | ଧାଙ୍ଗେର ଜିରା ନଦୀ ବାଲି ଶଯ୍ୟା (କ) | ବାଲି | ତୋରା | ଧାଙ୍ଗେର | 1105 | 8094 (ରୁ) | ନଦୀ | 12.10 | 35.00 | 100 | 3000 | 21000 |
| 3 | ଧଙ୍ଗେର ଜିରା ନଦୀ ବାଲି ଶଯ୍ୟା (ଖ) | ବାଲି | ତୋରା | ଧାଙ୍ଗେର | 1105 | 8094(ରୁ) | ନଦୀ | 12.20 | 35.00 | 100 | 2000 | 15000 |
| 4 | ଧାଙ୍ଗେର ଜିରା ନଦୀ ବାଲି ଶଯ୍ୟା (ଗ) | ବାଲି | ତୋରା | ଧାଙ୍ଗେର | 1105 | 8094(ରୁ) | ନଦୀ | 12.10 | 35.00 | 100 | 2000 | 15000 |
| 5 | ଧାଙ୍ଗେର ଜିରା ନଦୀ ବାଲି ଶଯ୍ୟା (ଘ) | ବାଲି | ତୋରା | ଧାଙ୍ଗେର | 1105 | 8095 (ରୁ) | ନଦୀ | 12.10 | 35.00 | 100 | 2000 | 15000 |
| 6 | ଧାଙ୍ଗେର ଜିରା ନଦୀ ବାଲି ଶଯ୍ୟା (ଙ) | ବାଲି | ତୋରା | ଧଙ୍ଗେର | 1105 | 8095 (ରୁ) | ନଦୀ | 12.10 | 35.00 | 100 | 2000 | 15000 |
| 7 | ତାଲଶ୍ରୀଗିଡା ଦନ୍ତାନଦୀ ବାଲିଶଯ୍ୟା (କ) | ବାଲି | କୁରୁଆଁ | ତାଲଶ୍ରୀଗିଡା | 912 | 1331 (ରୁ) | ନଦୀ | 6.00 | 35.00 | 100 | 1200 | 10000 |
| | | | | | | 1694 (ରୁ) | ନଦୀ | | | | | |
| 8 | ବାଉଁସେନପାଲି ବାଲିଶଯ୍ୟା (ଖ) | ବାଲି | କୁରୁଆଁ | ବାଉଁସେନପାଲି | 62 | 303 (ରୁ) | ନଦୀ | 5.00 | 35.00 | 100 | 2000 | 15000 |
| 9 | ବାଉଁସେନପାଲି ବାଲିଶଯ୍ୟା (ଗ) | ବାଲି | କୁରୁଆଁ | ବାଉଁସେନପାଲି | 62 | 303 (ରୁ) | ନଦୀ | 2.40 | 35.00 | 100 | 1000 | 10000 |
| 10 | ତାଲଶ୍ରୀଗିଡା ଦନ୍ତାନଦୀ ବାଲିଶଯ୍ୟା (ଖ) | ବାଲି | କୁରୁଆଁ | ତାଲଶ୍ରୀଗିଡା | 912 | 1694 (ରୁ) | ନଦୀ | 6.30 | 35.00 | 125 | 1200 | 10000 |
| 11 | କୁରୁଆଁ ବାଉଁସେନପାଲି ବାଲିଶଯ୍ୟା | ବାଲି | କୁରୁଆଁ | ବାଉଁସେନପାଲି | 62 | 303 | ନଦୀ | 4.90 | 35.00 | 125 | 2000 | 16000 |
| | | | | କୁରୁଆଁ | 832 | 3225 | ନଦୀ | | | | | |
| 12 | ଜମୁର୍ଡା ଦନ୍ତା ନଦୀ ବାଲିଶଯ୍ୟା (କ) | ବାଲି | ଜମୁର୍ଡା | ଜମୁର୍ଡା | 753 | 1558 (ରୁ) | ନଦୀ | 12.15 | 35.00 | 100 | 1500 | 12000 |
| 13 | ଜମୁର୍ଡା ଦନ୍ତା ନଦୀ ବାଲିଶଯ୍ୟା (ଖ) | ବାଲି | ଜମୁର୍ଡା | ଜମୁର୍ଡା | 753 | 1558 (ରୁ) | ନଦୀ | 10.05 | 35.00 | 100 | 1600 | 12000 |
| 14 | ଡାଙ୍ଗ ଗ୍ରିସୁଲନାଳା ବାଲିଶଯ୍ୟା (ଖ) | ବାଲି | ବରଗଡ | ଡାଙ୍ଗ | 331 | 1 (ରୁ) | ନଦୀ | 6.00 | 35.00 | 125 | 2000 | 16000 |
| 15 | ଜିରାନଦୀ ବାଲିଶଯ୍ୟା (ଖ) | ବାଲି | ବରଗଡ | ବରଗଡ | 2534 | 1 (ରୁ) | ନଦୀ | 7.35 | 35.00 | 125 | 3000 | 24000 |
| 16 | ଡାଙ୍ଗ/ବରଡୋଲ ଗ୍ରିସୁଲନାଲା ବାଲିଶଯ୍ୟା (କ) | ବାଲି | ବରଗଡ | ଡାଙ୍ଗ | 331 | 1 (ରୁ) | ନଦୀ | 6.35 | 35.00 | 125 | 2000 | 16000 |
| | | | | ବରଡୋଲ | 537 | 1224 (ରୁ) | ନଦୀ | | | | | |
| 17 | ଜିରାନଦୀ ବାଲିଶଯ୍ୟା (ଗ) | ବାଲି | ବରଗଡ | ବରଗଡ | 2534 | 1 (ରୁ) | ନଦୀ | 5.00 | 35.00 | 125 | 3000 | 24000 |
| 18 | ଅମ୍ବାପାଲି ବାଲିଶଯ୍ୟା (ଗ) | ବାଲି | ବରଗଡ | ଅମ୍ବାପାଲି | 262 | 908 (ରୁ) | ନଦୀ | 6.35 | 35.00 | 125 | 2000 | 16000 |

| | | | | | | | | | | | |
|---|---|---|---|---|---|---|---|---|---|---|---|
| [illegible] | ବରାହ୍‌ଗୋଡା ଦନ୍ତାନଦୀ ବାଲିଶଯ୍ୟା (କ) | ବାଲି | କଳାପାଣି | ବରାହଗୋଡା | 776 | 2765 (ରୁ) | ନଦୀ | 12.25 | 35.00 | 125 | 2500 | 20000 |
| 20 | ବରାହ୍‌ଗୋଡା ଦନ୍ତାନଦୀ ବାଲିଶଯ୍ୟା (ଖ) | ବାଲି | କଳାପାଣି | ବରାହଗୋଡା | 774 | 3740 (ରୁ) | ନଦୀ | 12.30 | 35.00 | 125 | 2500 | 20000 |
| 21 | ତୁରୁଙ୍ଗା ପଥର ଚଟାଣ (ଗ) | ପଥର | ତୁରୁଙ୍ଗା | ତୁରୁଙ୍ଗା | 471 | 258<br>199 (ରୁ) | ପଥର | 1.46<br>4.74 | 130.00 | 80 | 1800 | 10000 |
| 22 | ତୁରୁଙ୍ଗା ପଥର ଚଟାଣ (କ) | ପଥର | ତୁରୁଙ୍ଗା | ତୁରୁଙ୍ଗା | 471 | 199 (ରୁ)<br>239 | ପଥର | 3.32 | 130.00 | 80 | 900 | 5000 |
| 23 | ତୁରୁଙ୍ଗା ଉଭାବାବା (ଖ) | ପଥର | ତୁରୁଙ୍ଗା | ତୁରୁଙ୍ଗା | 471 | 189 (ରୁ) | ପଥର | 5.38 | 130.00 | 80 | 1200 | 10000 |
| 24 | ଖୁଣ୍ଟପାଲି ଗଞ୍ଜିଆଟିକ୍ରା ପଥର ଚଟାଣ | ପଥର | ଖୁଣ୍ଟପାଲି | ଖୁଣ୍ଟପାଲି | 976 | 4500 | ପଥର | 3.37 | 130.00 | 80 | 1003 | 12000 |
| 25 | ଗାଇସମା ମାଲିପାଲି ପଥର ଚଟାଣ | ପଥର | ଗାଇସମା | ଗାଇସମା | 1076 | 2769 | ପଥର | 2.87 | 130.00 | 80 | 500 | 5000 |
| 26 | ଗାଇସମା ରାଞ୍ଜ ତୁଙ୍ଗୁରୀ ପଥର ଚଟାଣ | ପଥର | ଗାଇସମା | ଗାଇସମା | 1078 | 263 | ପଥର | 2.11 | 130.00 | 80 | 400 | 5000 |

14/07/2020

ତହସିଲଦାର, ବରଗଡ ।